# ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠିରୁ ଚିକିତ୍ସା ସହାୟତା ପାଇଁ ନିୟମାବଳୀ

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

## ଓଡିଶା ସରକାର

## ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠିରୁ ଚିକିତ୍ସା ସହାୟତା ପାଇଁ ନିୟମାବଳୀ

**ଉପକ୍ରମଣିକା :**

ରାଜ୍ୟର ଗରିବ ଶ୍ରେଣୀର ଲୋକଙ୍କୁ ପ୍ରମୁଖ ଜୀବନ ବିନାଶକାରୀ ଓ ମାରାତ୍ମକ ରୋଗର ଚିକିତ୍ସା ପାଇଁ ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠିରୁ ଚିକିତ୍ସା ସହାୟତା ଯୋଗାଇଦିଆଯିବ । ରୋଗୀକୁ ଚିକିତ୍ସା କରୁଥିବା ଚିକିତ୍ସାଳୟକୁ ଏଭଳି ରୋଗୀମାନଙ୍କ ଚିକିତ୍ସା ବାବଦରେ କରାଯାଇଥିବା ଖର୍ଚ୍ଚ ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠିରୁ ସିଧାସଳଖ ଭରଣା କରାଯିବ ।

ଏହି ପାଣ୍ଠି " **ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠି ସମିତି** " ନାମକ ଏକ ସ୍ୱୟଂଶାସିତ ସମିତି ଦ୍ୱାରା ପରିଚାଳିତ । ଏହି ସମିତି **'ସମିତି ପଞ୍ଜୀକରଣ ଅଧିନିୟମ- ୧୮୬୦'** ମୁତାବକ ରେଜିଷ୍ଟ୍ରିଭୁକ୍ତ ।

**୧. 'ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠି' ରୁ କାହାକୁ ସହାୟତା ମିଳିପାରିବ ?**

୧.୧. ଦାରିଦ୍ର୍ୟ ସୀମାରେଖା ନିମ୍ନରେ ଥିବା ପରିବାର, ଗ୍ରାମାଞ୍ଚଳରେ ଟ୪୦,୦୦୦ଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ ଥିବା ପରିବାର ଏବଂ ସହରାଞ୍ଚଳରେ ଟ୬୦,୦୦୦ଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ ଥିବା ପରିବାର ଏହି ସହାୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ । ବି.ପି.ଏଲ୍. କାର୍ଡ କିମ୍ବା ସମ୍ପୃକ୍ତ ତହସିଲ୍‌ଦାରଙ୍କ ଦ୍ୱାରା ପ୍ରଦତ୍ତ ବାର୍ଷିକ ଆୟ ପ୍ରମାଣପତ୍ର ହିଁ କେବଳ ବାର୍ଷିକ ଆୟ ସୀମା ନିର୍ଣ୍ଣୟ କରିବା ନିମନ୍ତେ ପ୍ରଯୁଜ୍ୟ ହେବ ।

୧.୨. ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡ ଥିବା ବ୍ୟକ୍ତିବିଶେଷ ମଧ୍ୟ ଏହି ସୁବିଧା ପାଇବେ ।

୧.୩. ଦୁର୍ଘଟଣାଗ୍ରସ୍ତ ଅଜଣା ବ୍ୟକ୍ତି / ରେଜିଷ୍ଟ୍ରିଭୁକ୍ତ ନିରାଶ୍ରୟ ଆଶ୍ରୟସ୍ଥଳୀ / ଅନାଥାଶ୍ରମ, ପାଗଳାଗାରଦ, ଶିଶୁ ସେବା ସଦନ ରୁ ବିଧିମତେ ସୁପାରିଶ କରାଯାଇଥିବା ରୋଗୀ ମଧ୍ୟ ଏହି ସହାୟତା ପାଇବାପାଇଁ ଯୋଗ୍ୟ ବିବେଚିତ ହେବେ । ଏହି ସହାୟତା ନିମନ୍ତେ ସୁପାରିଶ କରାଯାଇଥିବା ପ୍ରତିଟି କେଶ୍‌ରେ ଯଥାଯଥ କାରଣ ଦର୍ଶାଇବାକୁ ହେବ ।

୧.୪. କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀ ତଥା ସରକାରୀ ଉଦ୍ୟୋଗରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଏହି ସୁବିଧା ପାଇପାରିବେ ନାହିଁ ।

୧.୫. ଏହି ସହାୟତା କେବଳ ସରକାରୀ ଚିକିତ୍ସାଳୟ ଅଥବା ଅନୁବନ୍ଧିତ ଘରୋଇ ଚିକିତ୍ସାଳୟର ଅନ୍ତଃବିଭାଗରେ ଚିକିତ୍ସିତ ହେଉଥିବା ରୋଗୀମାନେ ହିଁ ପାଇପାରିବେ । ପରନ୍ତୁ ଏହି କଟକଣା ନିମ୍ନଲିଖିତ ୨ଟି କ୍ଷେତ୍ରରେ ଲାଗୁ ହେବନାହିଁ ।

(କ) ସରକାରୀ ଚିକିତ୍ସାଳୟର ଡେ କେୟାର ସେଣ୍ଟରରେ କେମୋ ଚିକିତ୍ସା ପାଉଥିବା କର୍କଟ ରୋଗୀ ।

(ଖ) ବୃକକ୍ ପ୍ରତିରୋପଣର ପରବର୍ତ୍ତୀ ଛଅ ମାସ ପର୍ଯ୍ୟନ୍ତ ପାଇବାକୁ ଥିବା ମାଗଣା ଔଷଧ ଓ ଅନୁସନ୍ଧାନ ।

୧.୬. ଆବେଦନକାରୀଙ୍କ ନିଜ ପାଇଁ କରିସାରିଥିବା ଚିକିତ୍ସା ଖର୍ଚ୍ଚ ଭରଣା ପାଇଁ ଏହି ପାଣ୍ଠିରୁ ସହାୟତା ମିଳିବନାହିଁ । ରୋଗୀଙ୍କ ଚିକିତ୍ସା ଚାଲୁଥିବା ସମୟରେ ହିଁ କେବଳ ଏହି ସହାୟତା ପାଇଁ ଆବେଦନ କରାଯାଇପାରିବ ।

୧.୭. ଚିକିତ୍ସା କିମ୍ବା ଅସ୍ତ୍ରୋପଚାର ବାବଦରେ କରିସାରିଥିବା **ଖର୍ଚ୍ଚ ଏହି** ପାଣ୍ଠିରୁ ଭରଣା ପାଇଁ ଗ୍ରହଣୀୟ ହେବ ନାହିଁ ।

୧.୮. ସାଧାରଣ ଭାବରେ ଚିକିତ୍ସା ଦ୍ୱାରା ଆରୋଗ୍ୟ କରାଯାଇପାରୁଥିବା ରୋଗ ଏବଂ ଯେଉଁ ରୋଗଗୁଡିକର ଚିକିତ୍ସା ପାଇଁ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଯୋଜନା / କାର୍ଯ୍ୟକ୍ରମରେ ମାଗଣା ଚିକିତ୍ସା ଏବଂ ଔଷଧ ମିଳୁଛି ସେହି ରୋଗଗୁଡିକର ଚିକିତ୍ସା ପାଇଁ ଏହି ପାଣ୍ଠିରୁ ସହାୟତା ମିଳିବ ନାହିଁ ।

୧.୯. ରାଜ୍ୟ କର୍ମଚାରୀ ବୀମା (ଇ.ଏସ୍.ଆଇ) / କେନ୍ଦ୍ର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା (ସି.ଜି.ଏଚ୍.ଏସ୍) କିମ୍ବା ଅନ୍ୟ ସେହିଭଳି କୌଣସି ଯୋଜନାରେ ଚିକିତ୍ସା ସୁବିଧା ମିଳୁଥିଲେ ଏହି ସହାୟତା ସାଧାରଣତଃ ମିଳିବ ନାହିଁ ।

୧.୧୦. ଜଣେ ବ୍ୟକ୍ତି ବର୍ଷକୁ ସର୍ବାଧିକ ଥରେ ଏହି ସହାୟତା ପାଇବେ । ପୂର୍ବରୁ ସହାୟତା ପାଇଥିବା ରୋଗ ପାଇଁ ଆଉଥରେ ସହାୟତା ପାଇବେ ନାହିଁ । ମାତ୍ର କ୍ୟାନସର, କଲୋଜେନ୍, କିଡ୍‌ନି ଅକାମୀ ହେବାଭଳି ରୋଗ ପ୍ରଭୃତିରେ ଚିକିତ୍ସା ପାଇଁ ସହାୟତା ଅର୍ଥ କିସ୍ତିରେ ଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ ।

**୨. କେଉଁଠାରୁ ଏହି ସହାୟତା ପାଇବେ :**

୨.୧. ରାଜ୍ୟର ସମସ୍ତ ସରକାରୀ ଡାକ୍ତରଖାନା, କଟକ, ବ୍ରହ୍ମପୁର ଓ ବୁର୍ଲା ଠାରେ ଅବସ୍ଥିତ ମେଡିକାଲ କଲେଜ ଓ ହସ୍ପିଟାଲ୍, ଶିଶୁଭବନ, କଟକ ଏବଂ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ଗବେଷଣା କେନ୍ଦ୍ର, କଟକ ରେ ଚିକିତ୍ସିତ ହେଉଥିଲେ ଏହି ସହାୟତା ମିଳିପାରିବ ।

୨.୨. ଏହି ସହାୟତା **ପରିଶିଷ୍ଟ- 'ଗ'** ରେ ପ୍ରଦତ୍ତ ତାଲିକାଭୁକ୍ତ (ଅନୁବନ୍ଧିତ) ବେସରକାରୀ ହସ୍ପିଟାଲ୍ ଗୁଡିକରେ ମଧ୍ୟ ମିଳିପାରିବ ।

**୩. ଏହି ଚିକିତ୍ସା ସହାୟତା କେଉଁ କେଉଁ ରୋଗ ପାଇଁ ମିଳିପାରିବ :**

ଯେଉଁ ଜୀବନବିନାଶକାରୀ ରୋଗ ଗୁଡିକର ଚିକିତ୍ସା ପାଇଁ ଏହି ପାଣ୍ଠିରୁ ନିୟମାନୁଯାୟୀ ଯୋଗ୍ୟ ରୋଗୀ ମାନଙ୍କୁ ଚିକିତ୍ସା ସହାୟତା ମିଳିପାରିବ, ସେଗୁଡିକର ତାଲିକା **ପରିଶିଷ୍ଟ- 'ଘ'**ରେ ଦିଆଯାଇଅଛି ।

**୪. ମିଳୁଥିବା ଚିକିତ୍ସା ସହାୟତାର ପରିମାଣ :**

୪.୧. ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା ଉର୍ଦ୍ଧ୍ୱରେ ସହାୟତା ପ୍ରଦାନ କରିବ । ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନାରେ ନିର୍ଦ୍ଧାରିତ ସହାୟତା ଅର୍ଥରୁ ଆବଶ୍ୟକ ହେଉଥିବା ଅଧିକ ଚିକିତ୍ସା ଖର୍ଚ୍ଚ ଏହି ପାଣ୍ଠିରୁ ଭରଣା କରାଯିବ । ଏକକାଳୀନ ସର୍ବାଧିକ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ଏ ବାବଦରେ ରାଜ୍ୟ ଭିତରେ କିମ୍ବା ବାହାରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ମିଳିପାରିବ ।

୪.୨. ରାଜ୍ୟର ତିନୋଟି ମେଡିକାଲ କଲେଜ ଓ ହସ୍‌ପିଟାଲ୍, କ୍ୟାପିଟାଲ୍ ହସ୍ପିଟାଲ୍ ଏବଂ ରାଉରକେଲା ଗଭର୍ଣ୍ଣମେଣ୍ଟ ହସ୍ପିଟାଲ୍ ପ୍ରତ୍ୟେକ ରୋଗୀ ପାଇଁ ସର୍ବାଧିକ ୧ ଲକ୍ଷ ଟଙ୍କା ମଞ୍ଜୁର କରିପାରିବେ । ତିନୋଟି ମେଡିକାଲ କଲେଜ ଓ ହସ୍‌ପିଟାଲ୍ ଓ ଶିଶୁଭବନ, କଟକର ସୁପରିନ୍‌ଟେଣ୍ଡେଣ୍ଟ, ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ଗବେଷଣା କେନ୍ଦ୍ର, କଟକର ଡାଇରେକ୍ଟର, ସଂପୃକ୍ତ ରାଜସ୍ୱ ଆୟୁକ୍ତଙ୍କ ଅନୁମୋଦନକ୍ରମେ ଏବଂ ମୁଖ୍ୟ ଚିକିତ୍ସାଧିକାରୀ, କ୍ୟାପିଟାଲ ହସ୍ପିଟାଲ୍, ଭୁବନେଶ୍ୱର ଏବଂ ରାଉରକେଲା ଗଭର୍ଣ୍ଣମେଣ୍ଟ ହସ୍ପିଟାଲ୍ ନିର୍ଦ୍ଦେଶକ, ଭେଷଜ ଶିକ୍ଷା ଓ ପ୍ରଶିକ୍ଷଣ, ଓଡିଶାଙ୍କ ଅନୁମୋଦନପୂର୍ବକ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ମଞ୍ଜୁର କରିପାରିବେ । ଏଥିରୁ ଅଧିକ ସହାୟତା ଦରକାର ପଡିଲେ ପାଣ୍ଠିର କାର୍ଯ୍ୟକାରୀ କମିଟିର ସଦସ୍ୟ ସଚିବ ତଥା ଡି.ଏମ୍.ଇ.ଟି, ଓଡିଶାଙ୍କ ନିକଟକୁ ଏହା ବିଚାର ଏବଂ ଅନୁମୋଦନ ପାଇଁ ପଠାଯାଇପାରିବ ।

୪.୩. ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରତ୍ୟେକ ରୋଗୀ ପାଇଁ ସର୍ବାଧିକ ୩୦ ହଜାର ଟଙ୍କା ମଞ୍ଜୁର କରାଯାଇପାରିବ । ଏଥିରୁ ଅଧିକ ସହାୟତା ରାଶି ଆବଶ୍ୟକ ପଡୁଥିଲେ ସମ୍ପୃକ୍ତ ଜିଲ୍ଲାପାଳ-ତଥା-ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅନୁମୋଦନ କ୍ରମେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସର୍ବାଧିକ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ମଞ୍ଜୁର କରିପାରିବେ ।

୪.୪. ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ଆବଶ୍ୟକ ପଡିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡିଶାଙ୍କର ମଞ୍ଜୁର କ୍ରମେ ଏହା ପ୍ରଦାନ କରାଯାଇପାରିବ ।

୪.୫. ଏକ ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷ ମଧ୍ୟରେ ଅନୁମୋଦିତ ଓ ମଞ୍ଜୁରୀ ତଥା ସହାୟତା ପ୍ରାପ୍ତ କୌଣସି ନିର୍ଦ୍ଦିଷ୍ଟ ରୋଗୀ ସେହି ଆର୍ଥିକ ବର୍ଷ ମଧ୍ୟରେ ଆଉଥରେ ଏହି ପାଣ୍ଠିରୁ ସହାୟତା ପାଇଁ ଆବେଦନ କରିପାରିବେ ନାହିଁ ।

୪.୬. ଜଣେ ରୋଗୀ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ସେବା ଯୋଜନାରେ ବିଭିନ୍ନ ରୋଗର ଚିକିତ୍ସା ପାଇଁ ନିର୍ଦ୍ଧାରିତ ଖର୍ଚ୍ଚ କିମ୍ବା ସେ ପ୍ରକୃତରେ କରିଥିବା ଖର୍ଚ୍ଚ ଏ ଉଭୟରୁ ଯେଉଁଟି କମ୍, ସେତିକି ଟଙ୍କାର ଚିକିତ୍ସା ସହାୟତା ଏହି ପାଣ୍ଠିରୁ ଭରଣା କରିବା ନିମନ୍ତେ ପାଇପାରିବେ । ଭାରତ ସରକାରଙ୍କ ପ୍ୟାକେଜରେ ଅନ୍ତର୍ଭୁକ୍ତ ହୋଇନଥିବା ଖର୍ଚ୍ଚ ଯଥା : ରହିବା ଖର୍ଚ୍ଚ, ରୋଗ ଗବେଷଣା, ଔଷଧ ଖର୍ଚ୍ଚ, ବ୍ୟବସ୍ଥା ପରିଚାଳନା ବ୍ୟୟ ପ୍ରଭୃତି ବାବଦରେ କରିଥିବା ବ୍ୟୟ ମଧ୍ୟ ଭରଣା କରାଯାଇପାରିବ ।

**୫. ରାଜ୍ୟର ତିନୋଟି ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ୍, ଶିଶୁଭବନ, କଟକ ଏବଂ ଆଚାର୍ଯ୍ୟ ହରିହର କ୍ୟାନ୍ସର ଗବେଷଣା ପ୍ରତିଷ୍ଠାନ, କଟକରେ ଏହି ପାଣ୍ଠିରୁ ସହାୟତା ମିଳିବା ବିଧି :**

୫.୧. ପ୍ରତ୍ୟେକ ଚିକିତ୍ସା ବିଭାଗରେ ଅତିକମ୍‌ରେ ଜଣେ ଜଣେ ସରକାରୀ ପ୍ରଫେସର ନୋଡାଲ ଅଫିସର ଭାବେ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ମନୋନୀତ ହୋଇ ଏହି ଦାୟୀତ୍ୱ ତୁଲାଇବେ ।

୫.୨. ପୂରଣ କରାଯାଇଥିବା ନିର୍ଦ୍ଧାରିତ ଫର୍ମ ସହିତ ଆବଶ୍ୟକ କାଗଜପତ୍ର ଦରଖାସ୍ତକାରୀ ସମ୍ପୃକ୍ତ ବିଭାଗର ନୋଡାଲ ଅଫିସରଙ୍କ ନିକଟରେ ଦାଖଲ କରିବେ । ନୋଡାଲ ଅଫିସର ପାଇଥିବା ଦରଖାସ୍ତକୁ ବିଧିମତେ ଯାଞ୍ଚ୍ କରି ବିଭାଗୀୟ ମୁଖ୍ୟଙ୍କ ନିକଟକୁ ପଠାଇବେ ।

୫.୩. ବିଭାଗୀୟ ମୁଖ୍ୟ ଏହାକୁ ଯାଞ୍ଚ୍ କରି ତାଙ୍କ ଅନୁମୋଦନ ସହ ଦରଖାସ୍ତକୁ ଯାଞ୍ଚ୍ କମିଟି ନିକଟକୁ ପଠାଇବେ ।

୫.୪. ଏହି ଅନୁଷ୍ଠାନଗୁଡିକର ସୁପରିନ୍‌ଟେଣ୍ଡେଣ୍ଟ୍ / ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଢାଯାଉଥିବା ଯାଞ୍ଚ୍ କମିଟିରେ ଅନୁଷ୍ଠାନର ବିତ୍ତ ଅଧିକାରୀ / ଆହରଣ ଓ ବିତରଣ ଅଧିକାରୀ, ପ୍ରଶାସନିକ ଅଧିକାରୀ ଏବଂ ରୋଟେସନ୍ ଭିତ୍ତିରେ ୨ ବର୍ଷ ପାଇଁ ଜଣେ ବିଭାଗୀୟ ମୁଖ୍ୟ ସଦସ୍ୟ ଭାବରେ ସୁପରିନ୍‌ଟେଣ୍ଡେଣ୍ଟ୍ / ନିର୍ଦ୍ଦେଶକଙ୍କ ଦ୍ୱାରା ମନୋନୀତ ହେବେ ।

୫.୫. ଗୋଟିଏ ଦିନ ବ୍ୟବଧାନରେ ଯାଞ୍ଚ୍ କମିଟିର ବୈଠକ ବସି ରୋଗୀ ଚିକିତ୍ସିତ ହେଉଥିବା ବିଭାଗର ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ବିଧିମତେ ପଠାଯାଇଥିବା ଦରଖାସ୍ତ ଏବଂ ଅନ୍ୟାନ୍ୟ ସଂଲଗ୍ନ କାଗଜପତ୍ର ଯାଞ୍ଚ୍ କରି ଦେଖିବେ ।

୫.୬. ଦରଖାସ୍ତଟି ଯାଞ୍ଚ କମିଟିର ଅନୁମୋଦନ ଲାଭ କଲେ ରୋଗୀ ବିନା ଖର୍ଚ୍ଚରେ ମଞ୍ଜୁର ହୋଇଥିବା ଅର୍ଥରେ ମାଗଣା ଚିକିତ୍ସା ପାଇପାରିବେ ।

୫.୭. ଏହି କମିଟି ସର୍ବାଧିକ ୧ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ମଞ୍ଜୁର କରିପାରିବେ । ଯଦି ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଚିକିତ୍ସା ସହାୟତା ଆବଶ୍ୟକ ପଡେ ତେବେ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଥମେ ୧ ଲକ୍ଷ ଟଙ୍କା ମଂଜୁର କରିବେ ଏବଂ ସମ୍ପୃକ୍ତ ରାଜସ୍ୱ ଆୟୁକ୍ତଙ୍କ ଅନୁମୋଦନରେ ସୁପରିନ୍‌ଟେଣ୍ଡେଣ୍ଟ / ନିର୍ଦ୍ଦେଶକ ଆବଶ୍ୟକ ହେଉଥିବା ବଳକା ସହାୟତା ରାଶି ସର୍ବାଧିକ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମଞ୍ଜୁର କରିପାରିବେ । ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ପରିମାଣର ସହାୟତା ଆବଶ୍ୟକ ହେଲେ ଦରଖାସ୍ତ ଯାଞ୍ଚ କମିଟିର ମତାମତ ସହିତ ସମିତିର କାର୍ଯ୍ୟନିର୍ବାହୀ କମିଟି ନିକଟକୁ ବିଚାର ତଥା ଅନୁମୋଦନ ନିମନ୍ତେ ପଠାଯିବ ।

୫.୮. ମେଡିକାଲ କଲେଜ କର୍ତ୍ତୃପକ୍ଷ ମେଡିକାଲ କଲେଜ ନିକଟରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଏକ ଅଲଗା ବ୍ୟାଙ୍କ ଆକାଉଣ୍ଟ ମେଡିକାଲ କଲେଜର ଡିନ୍ ଓ ଅଧ୍ୟକ୍ଷ, ସୁପରିନ୍‌ଟେଣ୍ଡେଣ୍ଟ ଏବଂ ଆହରଣ ଓ ବିତରଣ ଅଧିକାରୀଙ୍କ ଯୁଗ୍ମ ଦସ୍ତଖତରେ ଖୋଲିବ । ଟଙ୍କା ଉଠାଣ ବେଳେ ଅତିକମ୍‌ରେ ଦୁଇଜଣ ଆକାଉଣ୍ଟଧାରୀଙ୍କ ଦସ୍ତଖତ ଆବଶ୍ୟକ ହେବ ।

୫.୯. ରୋଗୀଠାରୁ ଗ୍ରହଣ କରାଯାଇଥିବା ଦରଖାସ୍ତ ଏବଂ ସଂଲଗ୍ନ କାଗଜପତ୍ର ଅତ୍ୟନ୍ତ ଯତ୍ନ ସହକାରେ ଅଧିକ୍ଷକ / ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ସଂରକ୍ଷିତ ରଖାଯିବ ।

୫.୧୦. ଅନୁଷ୍ଠାନର ଅଧିକ୍ଷକ / ନିର୍ଦ୍ଦେଶକଙ୍କ ସ୍ତରରେ ଆବଶ୍ୟକୀୟ କ୍ୟାସ୍ ବହି ଓ ଅନ୍ୟାନ୍ୟ ରେକର୍ଡପତ୍ର ଖୋଲାଯାଇ ଏହି ଅର୍ଥ ପରିଚାଳନାର ସମସ୍ତ ବିବରଣୀ ତହିଁରେ ଉଲ୍ଲିଖିତ ହେବ ଯାହା ଆବଶ୍ୟକ ହେଲେ ସମୀକ୍ଷା ଅଧିକାରୀଙ୍କ ନିକଟରେ ଦାଖଲ କରାଯିବ ।

୫.୧୧. ଅନୁଷ୍ଠାନର ଆହରଣ ଓ ବିତରଣ ଅଧିକାରୀ (ଡିଡିଓ) ଓ.ଜି.ଏଫ୍.ଆର୍ ନିୟମ ଅନୁସାରେ ଦ୍ୱିମାସିକ ବ୍ୟୟ ବିବରଣୀ ସହିତ ବିନିଯୋଗପତ୍ର ସମିତିର କୋଷାଧ୍ୟକ୍ଷଙ୍କ ପାଖକୁ ଠିକ୍ ସମୟରେ ପଠାଇବେ ଯାହା ଅତିରିକ୍ତ ପାଣ୍ଠି ଯୋଗାଇଦେବା ସମୟରେ ସମିତିର ବିଚାର ପାଇଁ ଆବଶ୍ୟକ ହେବ ।

୫.୧୨. **ପରିଶିଷ୍ଟ 'ଚ'** ରେ ସଂଲଗ୍ନ ହୋଇଥିବା ଫର୍ମରେ ମାସିକ ଅଗ୍ରଗତିର ବିବରଣୀ ପ୍ରଦାନ କରିବାକୁ ହେବ ।

**୬. ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ / କ୍ୟାପିଟାଲ୍ ହସ୍ପିଟାଲ୍ / ରାଉରକେଲା ଗଭର୍ଣ୍ଣମେଣ୍ଟ୍ ହସ୍ପିଟାଲ୍‌ରେ ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠିରୁ ସହାୟତା ମିଳିବା ବିଧି :**

୬.୧. ଉପରୋକ୍ତ ଚିକିତ୍ସାଳୟଗୁଡିକର ନିଦାନ ବିଭାଗର ମୁଖ୍ୟ ନୋଡାଲ ଅଫିସର ଭାବେ ପରିଗଣିତ ହେବେ ।

୬.୨. ରୋଗୀମାନେ ନିର୍ଦ୍ଧାରିତ ଫର୍ମ ସହ ସମସ୍ତ ଆବଶ୍ୟକୀୟ କାଗଜପତ୍ର ନୋଡାଲ ଅଫିସରଙ୍କ ନିକଟରେ ଦାଖଲ କରିବେ ।

୬.୩. ଦରଖାସ୍ତକୁ ଯଥାବିଧି ଯାଞ୍ଚ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଚିକିତ୍ସାଧିକାରୀ (ମେଡିକାଲ) / କ୍ୟାପିଟାଲ୍ ହସ୍ପିଟାଲ୍, ଭୁବନେଶ୍ୱର / ରାଉରକେଲା ଗଭର୍ଣ୍ଣମେଣ୍ଟ୍ ହସ୍ପିଟାଲ୍‌ର ଉପମୁଖ୍ୟ ଚିକିତ୍ସାଧିକାରୀଙ୍କ ଜରିଆରେ ଏଗୁଡିକୁ ଯାଞ୍ଚ କମିଟିକୁ ପଠାଯିବ ।

୬.୪. ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ / ମୁଖ୍ୟ ଚିକିତ୍ସାଧିକାରୀ , କ୍ୟାପିଟାଲ୍ ହସ୍ପିଟାଲ୍ / ରାଉରକେଲା ଗଭର୍ଣ୍ଣମେଣ୍ଟ୍ ହସ୍ପିଟାଲ୍‌ଙ୍କ ଅଧ୍ୟକ୍ଷତାରେ ଏଥି ପାଇଁ ଗଠିତ ହେବାକୁ ଥିବା ଯାଞ୍ଚ କମିଟିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଡ଼ି.ଏମ୍.ଓ (ମେଡିକାଲ) / କ୍ୟାପିଟାଲ ହସ୍ପିଟାଲ୍ / ରାଉରକେଲା ଗଭର୍ଣ୍ଣମେଣ୍ଟ୍ ହସ୍ପିଟାଲ୍‌ର ଉପମୁଖ୍ୟ ଚିକିତ୍ସାଧିକାରୀ ଜଣେ ସଦସ୍ୟ ଭାବରେ ରହିବେ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ / ମୁଖ୍ୟ ଚିକିତ୍ସାଧିକାରୀମାନେ ନିଜ ଅନୁଷ୍ଠାନର ଜଣେ ଜଏଣ୍ଟ୍ ଡାଇରେକ୍ଟର (ଲେଭଲ୍-୨) / ବରିଷ୍ଠ ପ୍ରଥମ ଶ୍ରେଣୀର ମେଡିକାଲ ଅଫିସରଙ୍କୁ ପର୍ଯ୍ୟାୟକ୍ରମେ ଦୁଇ ବର୍ଷ ପାଇଁ ଅନ୍ୟତମ ସଦସ୍ୟଭାବେ ମନୋନୀତ କରିବେ ।

୬.୫. ଦିନେ ବ୍ୟବଧାନରେ ଏହି ଯାଞ୍ଚ କମିଟିର ବୈଠକ ବସିବ ଏବଂ ରୋଗୀକୁ ଚିକିତ୍ସା କରୁଥିବା ହାସ୍‌ପାତାଳର ଚିକିତ୍ସାଧିକାରୀଙ୍କ ଦ୍ୱାରା ପଠାଯାଇଥିବା ରୋଗୀଙ୍କ ଦରଖାସ୍ତ ଓ ଅନ୍ୟାନ୍ୟ କାଗଜପତ୍ର ବିଧିମତେ ଯାଞ୍ଚ କରାଯିବ ।

୬.୬. ଯାଞ୍ଚ କମିଟିର ଅନୁମୋଦନ ଲାଭକଲେ ରୋଗୀ ବିନାମୂଲ୍ୟରେ ମଞ୍ଜୁର ହୋଇଥିବା ଅର୍ଥରେ ସରକାରୀ ହାସ୍‌ପାତାଳରେ ଚିକିତ୍ସିତ ହେବେ ।

୬.୭. ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡିକ ପାଇଁ କମିଟି ଗୋଟିଏ ରୋଗୀ ପିଛା ସର୍ବାଧିକ ୩୦ ହଜାର ଟଙ୍କା ଏବଂ କ୍ୟାପିଟାଲ ହସ୍ପିଟାଲ୍ ଏବଂ ରାଉରକେଲା ଗଭର୍ଣ୍ଣମେଣ୍ଟ୍ ହସ୍ପିଟାଲ୍ ପାଇଁ ସର୍ବାଧିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମଞ୍ଜୁର କରିପାରିବେ । ଯଦି ୩୦ ହଜାର ଟଙ୍କାରୁ ଅଧିକ ସହାୟତା ଆବଶ୍ୟକ ହୁଏ ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସମ୍ପୃକ୍ତ ଜିଲ୍ଲାପାଳ-ତଥା-ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ

ଅନୁମୋଦନ କ୍ରମେ ସର୍ବାଧିକ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ମଞ୍ଜୁର କରିପାରିବେ । ମୁଖ୍ୟ ଚିକିତ୍ସାଧିକାରୀ, କ୍ୟାପିଟାଲ୍ ହସ୍ପିଟାଲ୍ / ରାଉରକେଲା ଗଭର୍ଣ୍ଣମେଣ୍ଟ୍ ହସ୍ପିଟାଲ୍‌ଙ୍କ ପାଇଁ ଚିକିତ୍ସା ଖର୍ଚ୍ଚ ଯଦି ୧ ଲକ୍ଷ ଟଙ୍କାରୁ ଅଧିକ ହୁଏ ତେବେ ତାହା ଡି.ଏମ୍.ଇ.ଟି, ଓଡିଶାଙ୍କ ବିଚାର ତଥା ଅନୁମୋଦନ ନିମନ୍ତେ ପଠାଯିବ ।

ନିର୍ଦ୍ଦେଶକ / ମୁଖ୍ୟ ଚିକିତ୍ସାଧିକାରୀ / ଜିଲ୍ଲା ଚିକିତ୍ସାଧିକାରୀ ପ୍ରଥମେ ନିଜେ କ୍ଷମତାପ୍ରାପ୍ତ ହୋଇଥିବା ଆର୍ଥିକ ସହାୟତା ମଞ୍ଜୁର କରି ରୋଗୀକୁ ଚିକିତ୍ସା ଉପଲବ୍ଧ କରାଇବେ ଏବଂ ପରବର୍ତ୍ତୀ ସମୟରେ ଆବଶ୍ୟକ ହେଉଥିବା ଅଧିକ ସହାୟତା ରାଶି କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ମଞ୍ଜୁର କରାଇବେ ।

୬.୮. ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କ୍ୟାପିଟାଲ ହସ୍ପିଟାଲ୍ ଏବଂ ରାଉରକେଲା ଗଭର୍ଣ୍ଣମେଣ୍ଟ୍ ହସ୍ପିଟାଲ୍ କର୍ତ୍ତୃପକ୍ଷ ଚିକିତ୍ସାଳୟ ନିକଟରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଏକ ଅଲଗା ବ୍ୟାଙ୍କ ଆକାଉଣ୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ / କ୍ୟାପିଟାଲ ହସ୍ପିଟାଲ୍‌ର ମୁଖ୍ୟ ଚିକିତ୍ସାଧିକାରୀ, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ / ଆହରଣ ଓ ବିତରଣ ଅଧିକାରୀ ଏବଂ ଜଣେ ବିଶେଷଜ୍ଞଙ୍କ ଦସ୍ତଖତରେ ଖୋଲିବେ । ଏହି ଆକାଉଣ୍ଟରୁ ଟଙ୍କା ଉଠାଣ ପାଇଁ ଆକାଉଣ୍ଟଧାରୀ ମାନଙ୍କ ମଧ୍ୟରୁ ଅତିକମ୍‌ରେ ଦୁଇଜଣଙ୍କ ଦସ୍ତଖତ ଆବଶ୍ୟକ ହେବ ।

୬.୯. ରୋଗୀ ଦ୍ୱାରା ଦାଖଲ କରାଯାଉଥିବା ଦରଖାସ୍ତ ଓ ଏଥିରେ ସଂଲଗ୍ନ ସମସ୍ତ କାଗଜପତ୍ର ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ମେଡିକାଲ) / ଆହରଣ ଓ ବିତରଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ସଯତ୍ନରେ ରଖାଯିବ ।

୬.୧୦. ନିୟମାନୁଯାୟୀ ପାଣ୍ଠି ପରିଚାଳନା ପାଇଁ କ୍ୟାସ୍ ବହି ଏବଂ ଅନ୍ୟାନ୍ୟ ରେଜିଷ୍ଟାର ଖୋଲାଯାଇ ପରିଚାଳନା କରାଯିବ ଯାହା ଆବଶ୍ୟକ ହେଲେ ସମୀକ୍ଷା ନିମନ୍ତେ ଦାଖଲ କରାଯିବ ।

୬.୧୧. ଓ.ଜି.ଏଫ୍.ଆର୍ ନିୟମାନୁଯାୟୀ ଦ୍ୱି-ମାସିକ ଖର୍ଚ୍ଚ ବିବରଣୀ ଏବଂ ଅନୁଷ୍ଠାନର ଆହରଣ ଓ ବିତରଣ ଅଧିକାରୀ ବିନିଯୋଗ ପ୍ରମାଣପତ୍ର ସହିତ ଅଗ୍ରଗତି ବିବରଣୀ ସମିତିର କୋଷାଧ୍ୟକ୍ଷଙ୍କ ନିକଟଙ୍କୁ ନିର୍ଦ୍ଧାରିତ ସମୟରେ ପଠାଇବେ, ଯାହା ଆବଶ୍ୟକ ଅତିରିକ୍ତ ପାଣ୍ଠି ପ୍ରଦାନ ସମୟରେ ବିଚାରକୁ ନିଆଯିବା ପାଇଁ ଆବଶ୍ୟକ ।

୬.୧୨. **ପରିଶିଷ୍ଟ 'ଚ'** ରେ ସଂଲଗ୍ନ ହୋଇଥିବା ଫର୍ମରେ ମାସିକ ଅଗ୍ରଗତିର ବିବରଣୀ ପ୍ରସ୍ତୁତ କରି ଦାଖଲ କରିବାକୁ ହେବ ।

**୭. ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠିରୁ ଘରୋଇ/ଅନ୍ୟାନ୍ୟ ହାସ୍ପାତାଳରେ ଚିକିତ୍ସା ସମୟରେ ଚିକିତ୍ସା ସହାୟତା :**

୭.୧. କୌଣସି ରୋଗୀ ଅନୁବନ୍ଧିତ ଘରୋଇ ଚିକିତ୍ସାଳୟରେ ସିଧାସଳଖ ଭର୍ତ୍ତି ହୋଇପାରିବେ ନାହିଁ । ଏହି ହସ୍ପିଟାଲ୍ ଗୁଡିକରେ ଚିକିତ୍ସା ସହାୟତା ପାଇବାକୁ ହେଲେ ରୋଗୀକୁ ପରଶିଷ୍ଟ–'ଜ' ରେ ପ୍ରଦତ୍ତ ସରକାରୀ ଆଦେଶନାମା ଦ୍ୱାରା କ୍ଷମତାପ୍ରାପ୍ତ ମେଡିକାଲ କଲେଜ ସୁପରିନ୍‌ଟେଣ୍ଡେଣ୍ଟ୍ / ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏହି ହସ୍ପଟାଲ୍‌ରେ ରୋଗୀକୁ ଚିକିତ୍ସିତ ହେବା ପାଇଁ ସୁପାରିଶ କରିବା ଆବଶ୍ୟକ ।

୭.୨. ନିମ୍ନଲିଖିତ ପରିସ୍ଥିତିରେ କ୍ଷମତାପ୍ରାପ୍ତ ଅଧିକାରୀ ଏହି ସୁପାରିଶ କରିପାରିବେ :

୭.୨.୧. ଯଦି ସମ୍ପୃକ୍ତ ମେଡିକାଲ କଲେଜରେ ଏହି ରୋଗୀର ଚିକିତ୍ସା କରାଯାଇପାରିବାର ସୁବିଧା ନଥିବ ।

୭.୨.୨. ରୋଗୀକୁ ଏହି ଚିକିତ୍ସା ସୁବିଧା ପାଇବା ପାଇଁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଥିବ ।

୭.୨.୩. ବିଭାଗୀୟ ପ୍ରଫେସର / ବିଭାଗୀୟ ମୁଖ୍ୟଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ ବିଭାଗୀୟ ଅଧିକାରୀଙ୍କୁ ନେଇ ଗଠିତ ହୋଇଥିବା କମିଟି ଏହି ଚିକିତ୍ସା ପାଇଁ ସୁପାରିଶ କରୁଥିବ ।

୭.୩. ଅତି ଜରୁରୀ ଚିକିତ୍ସା ଦରକାର ପଡୁଥିଲେ ରୋଗୀକୁ ସିଧାସଳଖ ବିନା କୌଣସି ସୁପାରିଶରେ ମଧ୍ୟ ଏହି ବେସରକାରୀ ଚିକିତ୍ସାଳୟଗୁଡିକରେ ଭର୍ତ୍ତି କରାଯାଇପାରିବ । ତେବେ ଆଡମିଶନ କରାଯିବା ମାତ୍ରେ ଚିକିତ୍ସାଳୟ କର୍ତ୍ତୃପକ୍ଷ ତୁରନ୍ତ ଏ ସମ୍ପର୍କରେ ନିର୍ଦ୍ଦେଶକ, ଭେଷଜ ଶିକ୍ଷା ଓ ପ୍ରଶିକ୍ଷଣ, ଓଡିଶା ଙ୍କୁ ଜଣାଇବେ ।

୭.୪. ଘରୋଇ ହସ୍ପିଟାଲ୍ ଗୁଡିକ ରୋଗୀ ଆଡ୍‌ମିଶନ ହେବା ଦିନଠାରୁ ଆବଶ୍ୟକ ଚିକିତ୍ସା ଜାରି ରଖିବେ ଏବଂ ରୋଗୀ ଡିସ୍‌ଚାର୍ଜ ହେବା ପରେ ଚିକିତ୍ସା **ଖର୍ଚ୍ଚ** ନିର୍ଦ୍ଦେଶକ, ଭେଷଜ ଶିକ୍ଷା ଓ ପ୍ରଶିକ୍ଷଣ , ଓଡିଶାଙ୍କ ନିକଟରେ ଦାବୀ କରିବେ ।

୭.୫. ଘରୋଇ ହସ୍ପିଟାଲ୍‌ମାନଙ୍କର ପ୍ରାପ୍ୟ ନିର୍ଦ୍ଦେଶକ, ଭେଷଜ ଶିକ୍ଷା ଓ ପ୍ରଶିକ୍ଷଣ, ଓଡିଶା ବିଲ୍ ପ୍ରାପ୍ତିର ଏକ ମାସ ମଧ୍ୟରେ ପ୍ରଦାନ କରିବେ ।

୭.୬. ଘରୋଇ ହସ୍ପିଟାଲ୍‌କୁ ରୋଗୀମାନଙ୍କର ଚିକିତ୍ସା **ଖର୍ଚ୍ଚ** ସଂପୃକ୍ତ ସହର ପାଇଁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ସେବା ନିୟାମକ ଦ୍ୱାରା ନିର୍ଦ୍ଧାରିତ ହାର କିମ୍ବା ରୋଗୀର ଚିକିତ୍ସା ପାଇଁ କରାଯାଇଥିବା ପ୍ରକୃତ **ଖର୍ଚ୍ଚ** ଏ ଦୁଇଟି ମଧ୍ୟରୁ ଯେଉଁଟି କମ୍ ହୋଇଥିବ ସେହି ମୁତାବକ ପ୍ରଦାନ କରାଯିବ ।

**୮. ଚିକିତ୍ସା ଏବଂ ରୋଗ ଗବେଷଣା :**

ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠିରୁ ସହାୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ରୋଗୀକୁ କୌଣସି ଚିକିତ୍ସା କିମ୍ବା ଅନୁସନ୍ଧାନ **ଖର୍ଚ୍ଚ** ଦେବାକୁ ପଡିବ ନାହିଁ ବା ଚିକିତ୍ସା ସମୟରେ ପରାମର୍ଶ ଦିଆଯାଉଥିବା କୌଣସି ଔଷଧ କିଣିବାକୁ ପଡିବନାହିଁ । ରୋଗୀକୁ ଚିକିତ୍ସା କରୁଥିବା ହସ୍ପିଟାଲ୍ ରୋଗୀ ପାଇଁ ଆବଶ୍ୟକ ସମସ୍ତ ଔଷଧ, ମେଡିକାଲ ସରଞ୍ଜାମ ଓ ରୋଗ ଗବେଷଣା ସୁବିଧା ପ୍ରଦାନ କରିବେ । ହସ୍ପିଟାଲ୍‌ରେ ଉପଲବ୍ଧ ହେଉନଥିବା ଔଷଧ ଏବଂ ରୋଗ ଗବେଷଣା ସୁବିଧା ତାଲିକାଭୁକ୍ତ ଔଷଧ ଦୋକାନ / ଗବେଷଣା କେନ୍ଦ୍ରରୁ ହିଁ ଆଣିବାକୁ ହେବ । ଏହିଭଳି ଔଷଧ ଦୋକାନ ଏବଂ ଗବେଷଣା କେନ୍ଦ୍ରର ଚିହ୍ନଟ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାର ନିୟମାନୁଯାୟୀ **(ପରିଶିଷ୍ଟ- 'ଛ'** ରେ ସଂଲଗ୍ନ) ଖୋଲା ଟେଣ୍ଡର ମାଧ୍ୟମରେ କରାଯିବ । କୌଣସି ପରିସ୍ଥିତିରେ ରୋଗୀଙ୍କୁ ସିଧାସଳଖ ଚିକିତ୍ସା ସହାୟତା ଟଙ୍କା କିମ୍ବା ଚେକ୍ ଆକାରରେ ପ୍ରଦାନ କରାଯିବ ନାହିଁ ।

**ପରିଶିଷ୍ଟ- 'କ'**

## ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠିରୁ ଚିକିତ୍ସା ସହାୟତା ପାଇବା ନିମନ୍ତେ ଦରଖାସ୍ତ ଫର୍ମ

| | | |
|---|---|---|
| ୧. | ରୋଗୀଙ୍କ ନାମ | ; |
| ୨. | ବୟସ | ; |
| ୩. | ସ୍ଥାୟୀ ଠିକଣା | ; |
| ୪. | ପତ୍ର ବିନିମୟ ଠିକଣା | ; |
| ୫. | ଦରଖାସ୍ତକାରୀ ନିଜେ କିମ୍ବା ବ୍ୟକ୍ତି ବିଶେଷ (ସ୍ତ୍ରୀ/ପୁରୁଷ) ଯାହାଙ୍କ ଉପରେ ନିର୍ଭରଶୀଳ ଜଣେ କେନ୍ଦ୍ର/ ରାଜ୍ୟ ସରକାରୀଙ୍କ କର୍ମଚାରୀ ଅଟନ୍ତି କି ? | ; |
| ୬. | ଦରଖାସ୍ତକାରୀଙ୍କ ନାମ (ଯଦି ରୋଗୀ ଦରଖାସ୍ତ ଦେଇ ନ ଥିବେ) | ; |
| ୭. | ରୋଗୀଙ୍କ ସହ ଦରଖାସ୍ତକାରୀଙ୍କ ସଂପର୍କ | ; |
| ୮. | ରୋଗୀ କେଉଁ ରୋଗରେ ପୀଡିତ | ; |
| ୯. | ଚିକିତ୍ସିତ ହେଉଥିବା ଡାକ୍ତରଖାନାର ନାମ | ; |
| ୧୦. | ବି.ପି.ଏଲ୍ କାର୍ଡ ନମ୍ବର (କେବଳ ୧୯୯୭ ବି.ପି.ଏଲ୍ ତାଲିକା ମୁତାବକ, ଫଟୋକପି ଏଥିସହିତ ସମ୍ପୃକ୍ତ କରାଯିବ) | ; |
| ୧୧. | ରୋଗୀ / ପିତାମାତାଙ୍କର ତହସିଲ୍‌ଦାରଙ୍କ ଦ୍ୱାରା ପ୍ରଦତ୍ତ ବାର୍ଷିକ ଆୟ ପରିମାଣ (କେବଳ ବି.ପି.ଏଲ୍ କାର୍ଡ ନଥିବା ବ୍ୟକ୍ତି / ପରିବାର ପାଇଁ ଉଦ୍ଦିଷ୍ଟ) | ; |
| ୧୨. | ରାଷ୍ଟ୍ରୀୟ ବୀମା ଯୋଜନା କାର୍ଡ ନମ୍ବର | ; |
| ୧୩. | ଏକକାଳୀନ ଆର୍ଥିକ ସହାୟତାର ପରିମାଣ | ; |
| ୧୪. | ଯଦି ଏହି ରୋଗ ଚିକିତ୍ସା ବାବଦରେ ଏହି ପାଣ୍ଠିରୁ ଆର୍ଥିକ ସହାୟତା (୧) ପୂର୍ବରୁ ପାଇଛନ୍ତି (୨) ପାଇବା ପାଇଁ – ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ , ଓଡିଶାଙ୍କୁ ଛାଡି ଅନ୍ୟ ବିଭାଗ / ସଂସ୍ଥା / କର୍ତ୍ତୃପକ୍ଷଙ୍କୁ ଆବେଦନ କରିଛନ୍ତି, ତାହାର ସମ୍ପୂର୍ଣ୍ଣ ବିବରଣୀ ଦିଅନ୍ତୁ । | ; |
| ୧୫. | ଅନ୍ୟାନ୍ୟ ବିବରଣୀ (ଯଦି କିଛି ଥାଏ) | ; |

ଘୋଷଣା

ମୁଁ ଶ୍ରୀ / କୁମାରୀ / ଶ୍ରୀମତୀ ................................................... ପିତା / ମାତା / ସ୍ୱାମୀ ........................................................... ଏତଦ୍‌ଦ୍ୱାରା ଘୋଷଣା କରୁଅଛି ଯେ , ମୋ ଦ୍ୱାରା ପ୍ରଦତ୍ତ ସମସ୍ତ ତଥ୍ୟ ସଠିକ୍ ଏବଂ ସମ୍ପୂର୍ଣ୍ଣ ଅଟେ ଏବଂ ମୁଁ କୌଣସି ପରିସ୍ଥିତିରେ ଉପରୋକ୍ତ ରୋଗର ଚିକିତ୍ସା ପାଇଁ ପାଣ୍ଠି ଯୋଗାଡ କରିବା / ବ୍ୟବସ୍ଥା କରିବା ନିମିତ୍ତ ସକ୍ଷମ ନୁହେଁ । ଏଥିସହିତ ପୁର୍ନବାର ଘୋଷଣା କରୁଅଛି ଯେ, ମୁଁ କିମ୍ବା ମୋର ପିତାମାତା କେନ୍ଦ୍ର / ରାଜ୍ୟ କିମ୍ବା ସ୍ଥାନୀୟ ସଂସ୍ଥାର କର୍ମଚାରୀ ନୋହୁଁ ।

ବି.ଦ୍ର. - ଯଦି ପରବର୍ତ୍ତୀ ସମୟରେ ଅନୁସନ୍ଧାନରୁ ଜଣାପଡେ ଯେ , ଉପରେ ଦିଆଯାଇଥିବା ତଥ୍ୟ ଭ୍ରମାତ୍ମକ କିମ୍ବା ବିଭ୍ରାନ୍ତିକର , ତାହାହେଲେ ଦରଖାସ୍ତକାରୀ ନିୟମାନୁଯାୟୀ ଦଣ୍ଡିତ ହେବେ ।

ସ୍ଥାନ ;

ତାରିଖ ;

ଦରଖାସ୍ତକାରୀ / ରୋଗୀଙ୍କ ସ୍ୱାକ୍ଷର

**ପରିଶିଷ୍ଟ- 'ଖ'**

## ନୋଡାଲ ଅଧିକାରୀ / ହାସପାତାଳ ଯାହାର ତତ୍ତ୍ୱାବଧାନରେ ରୋଗୀ ଚିକିତ୍ସିତ ହେଉଥିବେ ତାଙ୍କ ଦ୍ୱାରା ପୂରଣ କରାଯିବ ।

---

୧. ରେଗୀଙ୍କ ନାମ ;

୨. ଡାକ୍ତରଖାନାର ନାମ ;

୩. ଇନ୍‌ଡୋର୍ ରୋଗୀ ରେଜିଷ୍ଟ୍ରେସନ ନମ୍ବର ;

୪. ବର୍ତ୍ତମାନ ରୋଗୀର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସଂକ୍ଷିପ୍ତ ଟିପ୍‌ପଣୀ ;

୫. କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଅନୁସନ୍ଧାନର ତାଲିକା ;

୬. ରୋଗ ନିର୍ଣ୍ଣୟ ;

୭. ଯଦି ରୋଗୀଙ୍କର ଅସ୍ତ୍ରୋପଚାର ହୋଇସାରିଛି, ତେବେ ଅସ୍ତ୍ରୋପଚାରର ତାରିଖ ;

୮. ଚିକିତ୍ସା କରୁଥିବା ଚିକିତ୍ସକଙ୍କ ନାମ ;

୯. ସୁପାରିଶ କରାଯାଇଥିବା ସହାୟତାର ପରିମାଣ ;

୧୦. ପ୍ରକାରଭେଦ ଅନୁଯାୟୀ ସୁପାରିଶ କରାଯାଇଥିବା ଚିକିତ୍ସା ସହାୟତାର ବିଭକ୍ତିକରଣ(ଅସ୍ତ୍ରୋପଚାର / ଚିକିତ୍ସା ନିମନ୍ତେ ଆବଶ୍ୟକ ହେଉଥିବା ଔଷଧ / ମେଡିକାଲ ସାମଗ୍ରୀ) ସହିତ ମୂଲ୍ୟ ;

(କ)

(ଖ)

(ଗ)

ବି.ଦ୍ର. – ନୋଡାଲ ଅଧିକାରୀ ବେଡ୍ ଟିକେଟର ଏକ ଫଟୋକପି ଏଥିସହିତ ସଂଲଗ୍ନ କରିବେ ।

ମୋ ଦ୍ୱାରା ଯାଞ୍ଚ କରାଯାଇଛି | ମୋ ଦ୍ୱାରା ତନଖି ଏବଂ ସୁପାରିଶ କରାଗଲା

ନୋଡାଲ ଅଧିକାରୀଙ୍କ ସ୍ୱାକ୍ଷର | ସୁପାରିଶ କରିଥିବା ଅଧିକାରୀଙ୍କ ସ୍ୱାକ୍ଷର

ରୋଗୀଙ୍କ ଚିକିତ୍ସା ପାଇଁ ଅର୍ଥର ପରିମାଣ ଟ............................................................ଙ୍କା (ଅକ୍ଷରରେ.................................................................)ମାତ୍ର ଚେକ୍ ନମ୍ବର .......................................................................... ତାରିଖ..............................................ରେ ସୁପାରିଶ କରାଗଲା ।

ଅନୁମୋଦନ କରାଗଲା

ମେଡିକାଲ ସୁପରିନଟେଣ୍ଡେଣ୍ଟ୍ / ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ /

ମୁଖ୍ୟ ଚିକିତ୍ସାଧିକାରୀଙ୍କ ସ୍ୱାକ୍ଷର ସହିତ ମୋହର